**କରୋନା ପାଇଁ କୋର୍ଟ ବର୍ଜନ**

**କେନ୍ଦୁଝର, (ସ୍ୱ.ପ୍ର.):** କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ କୋର୍ଟ କାର୍ଯ୍ୟରୁ ଓକିଲ ମାନେ ବିରତ ରହିବେ ବୋଲି ଜିଲା ଓକିଲ ସଂଘ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ବାର ବନ୍ଦ ରଖିବା ନେଇ ସଂଘ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇ ଜିଲା ଜଜଙ୍କୁ ଚିଠି ଲେଖି ସୂଚିତ କରିଥିବା ସମ୍ପାଦକ ଆଲୋକ ମହାନ୍ତ ଜଣାଇଛନ୍ତି। ଭିଡିଓ କନ୍‌ଫରେନ୍ସିଙ୍ଗ୍ ଜରିଆରେ ମାମଲା ଗୁଡ଼ିକର ଶୁଣାଣି କରାଯାଇପାରିବ ବୋଲି କୁହାଯାଇଛି। ଏହି ସମୟରେ କୋର୍ଟ ପରିସରକୁ ବିଶୋଧନ କରିବା ପାଇଁ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ରାଇବଣିଆ,୧୯।୪:** ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ୭ ନଂ. ୱାର୍ଡ ଶାସନବାର୍ଡ଼ ଗାଁରେ ସୋମବାର ପ୍ରମିଳା ସାହୁ (୭୫) ନାମ୍ନୀ ମହିଳା ଘରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡିଥିଲା।। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କୁ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସରକାରୀ ସହାୟତା ଯୋଗାଇବାକୁ ସେକ୍ ଅମିରୁଦ୍ଦିନ, ଫରିଦ୍ ଅହମ୍ମଦ, ପ୍ରଦୀପ ପ୍ରଧାନ, ମୀରଲାଲ ଚାନ୍ଦ, ବିଜୟ କାମିଲା, ଶଙ୍କର ଘୋଷ, ସଞ୍ଜୟ ପାଳ, ଅଜିତ୍ ଖାଁ ଓ ଆନନ୍ଦ କର ପ୍ରମୁଖ ଦାବି କରିଛନ୍ତି ।

### କଣ୍ଟେନର ପଛରୁ ପିଟିଲା ଟ୍ରକ୍, ହେଲ୍‌ପର ମୃତ

**ସୋର,୧୯।୪(ଡି.ଏନ.ଏ.):** ସୋର ଥାନା ଅଧୀନ ଜାତୀୟ ରାଜପଥ ଅଲିପୁର ଛକରେ ରବିବାର ବିଳମ୍ବିତ ରାତିରେ ଛିଡା ହୋଇଥିବା ଏକ କଣ୍ଟେନର ପଛରୁ ଅନ୍ୟ ଏକ ମାଲ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ହେଲପରଙ୍କ ମୃତ୍ୟୁ ଘଟିଛି। ପାଣିକୋଇଲିରୁ କୋଇଲା ବୋଝେଇ କରି ଏକ ମିନି ଟ୍ରକ୍ ବାରିପଦା ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା କଣ୍ଟେନରକୁ ଧକ୍କା ଦେବାରୁ ହେଲପର୍ ପାଣିକୋଇଲି ପଥରପଦା ଅଞ୍ଚଳର ଟୁଲୁ ପଣ୍ଡା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ହେଲପରଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଛି।

### ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ

**ବାରିପଦା ଅଫିସ,୧୯।୪:** ମୟୂରଭଞ୍ଜ ଜିଲା ବାରିପଦା ଜୁବଲି ଲାଇବ୍ରେରୀସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଡ. ମୋହିତ କୁମାର ଷଡ଼ଙ୍ଗୀଙ୍କ ସମ୍ପାଦନାରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧାପକ କବି ସନତ ଦାସ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଇନ୍ଦ୍ରାଣୀ ଚାଟାର୍ଜୀ ଗୀତା ପାଠ ଓ ପାଠାଗାରର ସମ୍ପାଦକ ବସନ୍ତ କୁମାର ମହାନ୍ତ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସଭାରେ କଳ୍ପନା ଷଡ଼ଙ୍ଗୀ, ସରୋଜ କୁମାର ପାଣିଗ୍ରାହୀ, ରଶ୍ମୀରେଖା ଷଡ଼ଙ୍ଗୀ ଓ ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରଞ୍ଜନ ବାନାର୍ଜୀ ପରିଚାଳନା ଓ ଆଶିଷ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିତ୍ତିଭୂମି ଅଛି, ବିକାଶକୁ ଅପେକ୍ଷା

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ,୧୯।୪





**ଦୁବଲାଗଡ଼ି ପନ୍ତାଳ ବେଳାଭୂମି**

ବାଲେଶ୍ୱର ଜିଲା ସଦର ମହକୁମାଠାରୁ ୩୨କି.ମି. ଦୂରରେ ରହିଛି ଦୁବଲାଗଡ଼ି ପନ୍ତାଳ ବେଳାଭୂମି। ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏହି ବେଳାଭୂମିରେ ସମସ୍ତ ଭିତ୍ତିଭୂମି ରହିଛି। ଯାହାକୁ ବିକଶିତ କରାଗଲେ ଚାନ୍ଦିପୁର, ଡଗରା, ତାଳସାରୀଠାରୁ ଏହି ବେଳାଭୂମିର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇପାରିବ ବୋଲି 'ବେଳାଭୂମି ବିକାଶ କମିଟି'ର ସଦସ୍ୟାସଦସ୍ୟ କୁହନ୍ତି। ବିଶେଷ କରି ବେଳାଭୂମିକୁ ବିକଶିତ କରି ଇକୋ ରିଟ୍ରିଟ୍ ବ୍ୟବସ୍ଥା କଲେ ସରକାର ଅଧିକ ରାଜସ୍ୱ ପାଇବା ସହିତ ଏହି ଅଞ୍ଚଳର ଲୋକଙ୍କୁ ଅର୍ଥନୈତିକ ଓ ସାମାଜିକ ବିକାଶ ହୋଇପାରନ୍ତା ବୋଲି ବେଳାଭୂମି ବିକାଶ କମିଟି ସମ୍ପାଦକ ଗୌରସୁନ୍ଦର ପରିଡ଼ା ଦାବି କରିଛନ୍ତି।

ଦୁବଲାଗଡ଼ି ପନ୍ତାଳ ବେଳାଭୂମିକୁ ବହୁତ କମ୍ ଲୋକେ ଜାଣିଛନ୍ତି। ବିସ୍ତୀର୍ଣ୍ଣ ଝାଉଁବଣର ଶୋଭାରାଜି ସାଙ୍ଗକୁ ବେଳାଭୂମିର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ବେଳାଭୂମିର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ କିଛି ସମୟ ପାଇଁ କୋଳାହଳଭରା ସହରଠାରୁ ଦୂରେଇ ରହିବା ପାଇଁ ଏଠାକୁ ପର୍ଯ୍ୟଟକ ଧାଇଁ ଆସିଥାନ୍ତି। ଅନ୍ୟ ବେଳାଭୂମି ଅପେକ୍ଷା ସେତେଟା ଭିଡ଼ ନ ଥିବାବେଳେ ଯିଏ ଥରେ ଏଠାକୁ ଆସେ ଏଠାରୁ ଯିବା ପାଇଁ ଇଚ୍ଛା କରି ନ ଥାଏ। ଏଠାକୁ ଆସି ଲୋକମାନେ ବଣଭୋଜି କରିବା ସହିତ ବେଳାଭୂମିରେ ସାଙ୍ଗସାଥିଙ୍କ ସହିତ କ୍ରିକେଟ୍, ଫୁଟବଲ, ଭଲି ଖେଳିବା ଏବଂ ସମୁଦ୍ରରେ ଗାଧୋଇବାର ମଜା ନେଇଥାନ୍ତି। ପର୍ଯ୍ୟଟକଙ୍କ ଭିଡ଼ ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅଳ୍ପ କିଛି ଅର୍ଥ ନେଇ ସେମାନଙ୍କ ରହିବା ପାଇଁ ଟେଣ୍ଟ ଏବଂ ଖାଇବା ବ୍ୟବସ୍ଥା କରାଉଛନ୍ତି। ବେଳାଭୂମିକୁ ଯା'ଆସ ପାଇଁ ରାସ୍ତା ନ ଥିବାବେଳେ ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ ବ୍ୟବସ୍ଥା, ପର୍ଯ୍ୟଟକଙ୍କ ରହିବା ପାଇଁ ସରକାରୀ କିମ୍ବା ବେସରକାରୀ ପାନ୍ଥଶାଳା କିମ୍ବା ହୋଟେଲ୍, ଦୋକାନବଜାର ନାହିଁ। ଏପରିକି ବେଳାଭୂମିର ସୁରକ୍ଷା ପାଇଁ ପୋଲିସ କିମ୍ବା ଲାଇଫଗାର୍ଡ଼ର ବ୍ୟବସ୍ଥା ମଧ୍ୟ ନାହିଁ। ବେଳାଭୂମିର ବିକାଶ ପାଇଁ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା 'ବେଳାଭୂମି ବିକାଶ କମିଟି' ଗଠନ କରାଯାଇଛି। ସ୍ଥାନୀୟ ଲୋକଙ୍କ ଦାବି ପରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଏହି ବେଳାଭୂମିକୁ ପରିଦର୍ଶନ କରି ବେଳାଭୂମିକୁ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ବେଳାଭୂମିକୁ ଅଧିକ ଆକର୍ଷଣୀୟ କରନ୍ତି ନାଲି କଙ୍କଡ଼ା ଓ ସାମୁଦ୍ରିକ ଜୀବ। ଏଠାରେ ପାଣି ପୂରା ସଫା ଓ ବାଲି ପୂରା ଧଳା। ପରିବାର ସହ ଏଠାକୁ ପର୍ଯ୍ୟଟକ ଆସିପାରିବେ। ହେଲେ ରାତିରେ ରହିବା ପାଇଁ ସୁବିଧା ନ ଥିବାରୁ ଦୂର ସ୍ଥାନରୁ ପର୍ଯ୍ୟଟକ ଆସି ପାରୁ ନାହାନ୍ତି। ଏହାର ବିକାଶ ଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ବେଳାଭୂମି ବିକାଶ କମିଟି ସଦସ୍ୟ ଜୟଦେବ ସାହୁ କହିଛନ୍ତି, ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ। ସମୁଦ୍ର ନିକଟରେ ଝାଉଁବଣ ଥିବାରୁ ପର୍ଯ୍ୟଟକମାନେ ଆକର୍ଷିତ ହୋଇଥାନ୍ତି। ଏଠାରେ କିନ୍ତୁ ରାସ୍ତା ନ ଥିବାରୁ ବହୁତ ପର୍ଯ୍ୟଟକ ଫେରିଯାଉଛନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଇପାରିଲେ ଅଞ୍ଚଳର ବିକାଶ ହୋଇପାରିବ। ଦୁବଲାଗଡ଼ି ସରପଞ୍ଚ ଶୈଳବାଳା ଜେନା କୁହନ୍ତି, ବିଗତ ୫ବର୍ଷ ହେଲା ଆମେ ଏହି ଅଞ୍ଚଳକୁ 'ବଗଦା ଦୁବଲାଗଡ଼ି ସି ବିଚ୍'ର ମାନ୍ୟତା ଦେବା ପାଇଁ ଦାବି କରିଆସୁଛୁ। ସବୁପ୍ରକାର ସୁବିଧା ସୁଯୋଗ ରହିଥିଲେ ବି ସରକାରଙ୍କ ଦୃଷ୍ଟି ପଡୁ ନ ଥିବାରୁ ବିକାଶ ହୋଇପାରୁନି। ଆଗରୁ ଦିନକୁ ୫୦ରୁ ୧୦୦ ଜଣ ଆସୁଥିଲେ। ଏବେ ହଜାରେରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି।

### ବାଲ୍ୟବିବାହ ଉଦ୍ୟମ: ଉଦ୍ଧାର ହେଲେ ନାବାଳିକା

ଯୋଡା,୧୯।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ସୋମବାର ୧୩ ବର୍ଷର ଜଣେ ନାବାଳିକାଙ୍କୁ ବାଲ୍ୟବିବାହରୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କୁନ୍ଦୁରୁନାଲା ଅଞ୍ଚଳର ଜଣେ ନାବାଳିକାଙ୍କୁ କମାରଯୋଡାରେ ରହୁଥିବା ତାଙ୍କ ପ୍ରେମିକ ବିବାହ ପ୍ରତିଶ୍ରୁତି ଦେଇ ନିଜ ଘରେ ରଖିଥିଲେ। ଉଭୟ ଝିଅ ଏବଂ ପୁଅ ଦୁହେଁ ନାବାଳିକା ଓ ନାବାଳକ ହୋଇଥିବାରୁ ଏହି ବିବାହ ଆଇନ ସମ୍ମତ ନୁହେଁ ବୋଲି ଯୋଡ଼ାରେ କାର୍ଯ୍ୟ କରୁଥିବା ଆସପାୟାର ନାମକ ଏକ ଏନ୍‌ଜିଓ ଓ ଶିଶୁ ସୁରକ୍ଷା ମଞ୍ଚର କର୍ମୀ ସମ୍ପୃକ୍ତ ନାବାଳିକାଙ୍କୁ ବୁଝାଇଥିଲେ। ଏହାପରେ ମଧ୍ୟ ଫେରି ଆସିବା ପାଇଁ ସେ ରାଜି ନ ହେବାରୁ ବାଧ୍ୟହୋଇ ସେମାନେ ଚାଇଲ୍ଡ ହେଲ୍ପ ଲାଇନର ସାହାଯ୍ୟ ନେଇଥିଲେ। ନାବାଳିକାଙ୍କ ଭାଇ ଥାନାରେ ଏତଲା ଦେଇଥିଲେ। ଯୋଡ଼ା ଶିଶୁ ସୁରକ୍ଷା ମଞ୍ଚର କର୍ମୀ ରୀନା ଭଟ୍ଟାଚାର୍ଯ୍ୟ, ଶୁଭଲକ୍ଷ୍ମୀ ମହାନ୍ତି, ଆସପାୟାର ସଂସ୍ଥାର କର୍ମୀ ରଶ୍ମିରେଖା ବେହେରା, ଜୟଶ୍ରୀ ଲେଙ୍କା, ରଶ୍ମି ଗିରି, ଚାଇଲ୍ଡ ହେଲ୍ପ ଲାଇନ ଅଧିକାରୀ ହିମାଦ୍ରୀ ନାଏକ, ଯୋଡ଼ା ପୋଲିସ ଅଧିକାରୀ ପ୍ରମୁଖଙ୍କ ହସ୍ତକ୍ଷେପ ଫଳରେ ବାଲ୍ୟବିବାହକୁ ରୋକାଯିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇ ପାରିଥିଲା।

## ଇସ୍ତଫା ଦେଲେ ୧୩ ସିଆର୍‌ସିସି

ବାରିପଦା ଅଫିସ,୧୯।୪

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକରେ କାର୍ଯ୍ୟରତ ୧୩ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ (ସିଆର୍‌ସିସି) ଇସ୍ତଫା ଦେଇଛନ୍ତି। ଜିଲା ସର୍ବଶିକ୍ଷା/ଶିକ୍ଷାଅଧିକାର ଅଭିଯାନର ପ୍ରକଳ୍ପ ସଂଯୋଜକଙ୍କ ନିକଟରେ ସେମାନଙ୍କ ପଦରୁ ସାମୂହିକ ଇସ୍ତଫା ଦେଇ ମୂଳ ବିଦ୍ୟାଳୟକୁ ଫେରିଯାଇଛନ୍ତି ବୋଲି ବ୍ଲକର କୁଜିଡ଼ିହି ସିଆର୍‌ସିସି ଶିବ ଶଙ୍କର ଅଧିକାରୀ, ଧାଡିକା ସିଆର୍‌ସିସି ମାନସ ରଞ୍ଜନ ଧଳ, କର୍ଣ୍ଣିସାହି ସିଆର୍‌ସିସି ଚିନ୍ତାମଣି ନାଏକ, ଅଁଳାକୁନ୍ଦର ସିଆର୍‌ସିସି ଶାନ୍ତନୁ କୁମାର କୁଅଁରବାବୁ, ପାକଟିଆ ସିଆର୍‌ସିସି ଦିଲ୍ଲୀପ କୁମାର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୨୦୧୯-୨୦ଶିକ୍ଷା ବର୍ଷରେ ଶୁଳିଆପଦା ବ୍ଲକରେ ସିଆର୍‌ସିସିମାନଙ୍କୁ ଏଫଟିଏ ଓ କଣ୍ଟିଜେନ୍ସି ବାବଦରେ ମିଳିଆସୁଥିବା ଟଙ୍କା ଶୁଳିଆପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ମାଳତୀ ଟୁଡୁ ପ୍ରଦାନ କରିନାହାନ୍ତି। ଏ ବାବଦରେ ସିଆରସିସିମାନେ ତାଙ୍କୁ ବାରମ୍ବାର ମୌଖିକ ଓ ଲିଖିତ ଭାବେ ଜଣାଇ ଆସିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସମସ୍ତେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏବିଷୟରେ ସର୍ବଶିକ୍ଷା ବିଭାଗର ପ୍ରକଳ୍ପ ସଂଯୋଜକ ଦାୟିତ୍ୱରେ ରହିଥିବା

**ଶୁଳିଆପଦା ବ୍ଲକ**

ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପ୍ରତ୍ୟୁଷ କୁମାର ନାଏକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ଶୁଳିଆପଦା ବ୍ଲକ ବିଇଓ ଟୁଡୁଙ୍କୁ ପଚାରିବାରୁ ସିଆର୍‌ସିସିମାନଙ୍କ ମଧ୍ୟରୁ କେତେକ ଏଫଟିଏ ଓ କଣ୍ଟିଜେନ୍ସି ବାବଦରେ କିଛି କିଛି ଟଙ୍କା ପାଇ ସାରିଥିବା ବେଳେ ଆଉ କେତେକଙ୍କ ବାକି ରହିଥିବା କହିଛନ୍ତି। ତେବେ ସେମାନେ ସର୍ବଶିକ୍ଷା ବିଭାଗର ପ୍ରକଳ୍ପ ସଂଯୋଜକଙ୍କ ନିକଟରେ ଇସ୍ତଫା ଦେଇଛନ୍ତି। ଉପରିସ୍ଥ ଅଧିକାରୀ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## କାଠ କାଟୁଥିବା ବେଳେ ୩ ଗିରଫ

ପାଟଣା/କେନ୍ଦୁଝର, ୧୯।୪(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଅଶନବାହାଳି ଘଞ୍ଚ ଜଙ୍ଗଲରେ ସୋମବାର ଚୋରା କାଠ କାଟୁଥିବା ବେଳେ ସହକାରୀ ବନ ସଂରକ୍ଷକ(ଏସିଏଫ୍) ଅଜୟ ସାହୁ ଏପିଆର ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ୩ କରତିଆଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ୩ଜଣ ହେଲେ ଝାଡ଼ଖଣ୍ଡ ରାଜ୍ୟ ତରାତଣ୍ଡ ଥାନା ମାନକଡିହା ଗ୍ରାମର ମହମଦ ମୁକ୍ତାର ଆନସାରି, ମହମଦ ସଲିମ ଆନସାରୀ ଓ ମହମଦ ସମିମ ଆନସାରୀ। ଜବତ କାଠର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଏସିଏଫ ସାହୁ ସୂଚନା ଦେଇଛନ୍ତି। ମୋବାଇଲ ସ୍କ୍ୱାଡ୍‌ର ଡେପୁଟି ରେଞ୍ଜର ପିତାମ୍ବର ନାଏକ, ପାଟଣା ଡେପୁଟି ରେଞ୍ଜର ଖଗେଶ୍ୱର ବାରିକ, ବନପାଳ ସନାତନ ମିଶ୍ର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଜିଲା ଯାଦବ ମହାସଂଘର କାର୍ଯ୍ୟକାରିଣୀ



ବୈଠକରେ ଜିଲା ଯାଦବ ମହାସଂଘର କର୍ମକର୍ତ୍ତା।

ବାଲିଆପାଳ, ୧୯।୪(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ ଗୁନାପୁର ଗ୍ରାମରେ ବାଲିଆପାଳ ବ୍ଲକ ଯାଦବ ସଂଘର ସଭାପତି ଜଗନ୍ନାଥ ବାରିକଙ୍କ ବାସଭବନରେ ରବିବାର ବାଲେଶ୍ୱର ଜିଲା ଯାଦବ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ଚନ୍ଦ୍ର ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଆୟୋଜକ ରାମଚନ୍ଦ୍ର ବାରିକ ପରିଚାଳନା କରିଥିଲେ। ବୈଠକରେ ବାଲେଶ୍ୱର ଯାଦବ ସଂଘର ନିଶିତ୍ କୁମାର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଲେଶ୍ୱର ଜିଲାର ଯାଦବ ମହାସଂଘ ଏବଂ ବାଲିଆପାଳ ଯାଦବ ସଂଘକୁ ସୁଦୃଢ଼ କରିବା ପାଇଁ ଆପ୍ରାଣ ଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟବକ୍ତାଙ୍କ ମଧ୍ୟରେ ବାଲିଆପାଳ ପଞ୍ଚାୟତର ସରପଞ୍ଚ ମଧୁସୂଦନ ବାରିକ, ଅର୍ଜୁନ ଚରଣ ବାରିକ, ନିଆସି ବାରିକ, ବସନ୍ତ ବାରିକ ବାଲିଆପାଳ ଯାଦବ ସଂଘ ତରଫରୁ ବାଲିଆପାଳ ଯାଦବ ସଂଘକୁ ସୁଦୃଢ଼ କରିବା ସହିତ ଜିଲା ମହାସଂଘକୁ ସମସ୍ତ ପ୍ରକାରର ସହଯୋଗ କରିବା କଥା ପ୍ରକାଶ କରିଥିଲେ। ବାଲେଶ୍ୱର ଯାଦବ ମହାସଂଘ ପକ୍ଷରୁ ପଞ୍ଚାନନ ପରିଡ଼ା, ରାଜକିଶୋର ଦାସ, ତପନ ଦାସ, ରାଧାମୋହନ ପରିଡ଼ା, ପ୍ରଭାସ ଦାସ, ଅଶୋକ ଦାସ, ବିପ୍ଳବ ଯାଦବ, ମହେନ୍ଦ୍ର ଦାସ ପ୍ରମୁଖ ବୈଠକରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବସ୍ତା, ଭୋଗରାଇ, ବାଲିଆପାଳ ଯାଦବ ସଂଘର କର୍ମକର୍ତ୍ତାଙ୍କୁ ବାଲେଶ୍ୱର ମହାସଂଘ ତରଫରୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଆପାଳ ସଂଘର ସମ୍ପାଦକ ଅର୍ଜୁନ ଚରଣ ବାରିକ, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ବାରିକ, ଆୟୋଜକ ପଞ୍ଚାନନ ଭୋଳଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ।

## ଏବିଭିପି ନଗର ସମ୍ମିଳନୀ



ନଗର ସମ୍ମିଳନୀରେ ଏବିଭିପି ସଦସ୍ୟ।

ରସାଳପୁର, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ରସାଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରସାଳପୁର ନଗର ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟଅତିଥି ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ଓ ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ବିଭାଗ ସହ ସଂଯୋଜକ ରଜତ କୁମାର ପାତ୍ର ଯୋଗଦେଇଥିଲେ। ବ୍ଲକ ସଂଯୋଜକ ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ମିଳନୀରେ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ନୂତନ ଭାବେ ନଗର ସଭାପତି ରଘୁନାଥ ମଣ୍ଡଳ, ନଗର ଉପସଭାପତି ଭାବେ ସୁନ୍ଦରମୋହନ ଜେନା ଏବଂ ଚିନ୍ମୟ ପଣ୍ଡା, ନଗର ସମ୍ପାଦକ ପଦ୍ମନାଭ ଜୀ, ନଗର ସହସମ୍ପାଦକ ଗଣେଷ ପାତ୍ର, ଏସ୍‌ଏଫ୍‌ଡି ପ୍ରମୁଖ ଦୀପକ କୁମାର ଦାସ, ଏସ୍‌ଏଫ୍‌ଏସ୍ ପ୍ରମୁଖ ବିକାଶ କୁମାର ଜେନା, କ୍ରୀଡ଼ା ପ୍ରମୁଖ ଟିଟନ ସିଂ, ସାମାଜିକ ଗଣମାଧ୍ୟମ ଶ୍ରୀତମ ମହାରଣା, ଛାତ୍ର ସନ୍ଦେଶ ପ୍ରମୁଖ ସରିତା ପାତ୍ର, ଷ୍ଟଡି ସର୍କଲ ଗୀତାଞ୍ଜଳି କର, ନଗର କାର୍ଯ୍ୟକାରିଣୀ ସଦସ୍ୟ ଦିବ୍ୟରଞ୍ଜନ ଜୀ, ପଦ୍ମଲୋଚନ ସାହୁ, ଅଭୟ ଖଣ୍ଡା, ଅଭିଜିତ ମୋହଲ, ଶଶିକାନ୍ତ ଖଣ୍ଡା ମନୋନୀତ ହୋଇଛନ୍ତି।

## ମାସ୍କ, ପାନୀୟ ଜଳ ବଣ୍ଟନ

ବାସୁଦେବପୁର, ୧୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଖବରଦାତା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପ୍ରଶାସନ ସହଯୋଗରେ ସୋମବାର ସହର ମଧ୍ୟରେ ଥିବା ଟ୍ରାଫିକ ଛକଠାରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ମାସ୍କ ବଣ୍ଟନ କରାଯାଇଛି। ଖବରଦାତା ସଂଘର ସଭାପତି ବନମାଳି ବାରିକ, ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ସଙ୍ଗଠନ ସମ୍ପାଦକ ଉଦୟ ଜେନା ଓ ଯୁଗ୍ମ ସମ୍ପାଦକ ନାରାୟଣ ପ୍ରସାଦ ବାରିକଙ୍କ ଉପସ୍ଥିତିରେ ବାସୁଦେବପୁର ଥାନା ଆଇଆଇସି ଗୌରାଙ୍ଗ ଚନ୍ଦ୍ର ସାହୁ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଏଏସ୍‌ଆଇ ଚିତ୍ତରଞ୍ଜନ ଦାସ ପ୍ରମୁଖ ଲୋକଙ୍କୁ ମାସ୍କ ବାଣ୍ଟିବା ସହ ସବୁବେଳେ ମାସ୍କ ବ୍ୟବହାର କରିବାକୁ ସଚେତନ କରାଇଥିଲେ। ସେହିପରି ଗାଡ଼ି ଚାଳକମାନେ ମାସ୍କ ସହ ହେଲ୍‌ମେଟ ପରିଧାନ କରିବାକୁ କୁହାଯାଇଥିଲା। ୨ ଶହରୁ ଉର୍ଦ୍ଧ୍ୱ ମାସ୍କ ବଣ୍ଟନ ହୋଇଥିଲା। ସଂଘର ସହ ସମ୍ପାଦକ ପ୍ରତାପ କୁମାର ପାଢ଼ୀ, ଉପସଭାପତି ଭାରତ ବିନୋଦ ନାୟକ, କୋଷାଧ୍ୟକ୍ଷ ବିଜୟ ଘଡ଼େଇ, ଖବରଦାତା ପ୍ରମୋଦ ରାଉତ, ସର୍ବେଶ୍ୱର ଜେନା, ବିଭୂତି ଭୂଷଣ ପଣ୍ଡା, ସ୍ୱାଧୀନ ଆଲୋକ ଡାଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏବି କଲେଜ ଫାଟକ ସାମ୍ନା ଓ ଟ୍ରାଫିକ ଛକଠାରେ ଜନସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବଣ୍ଟନ ଶିବିର ମଧ୍ୟ ଉଦ୍‌ଘାଟିତ ହୋଇଛି।

## କଳସ ଶୋଭାଯାତ୍ରା, ଆଜ୍ଞାମାଳ ସ୍ଥାପନ

**ଶ୍ରୀରାମ ନବମୀ ମହୋତ୍ସବ**

ଭଦ୍ରକ ଅଫିସ,୧୯।୪

ଭଦ୍ରକ ଜିଲାର ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବ ଚଳିତବର୍ଷ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ପାଳନ କରାଯାଉଛି। ଏହି ଉପଲକ୍ଷେ ରୀତିନୀତି ଅନୁଯାୟୀ ସୋମବାର କଳସ ଶୋଭାଯାତ୍ରା ଓ ଆଜ୍ଞାମାଳ ଯାତ୍ରା ସହ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ନରେ ସୀମିତ ଭକ୍ତଙ୍କୁ ନେଇ ଆରଡ଼ିର ବାବା ଆଖଣ୍ଡଳମଣି, ଯାଜପୁର ମା' ବିରଜା ଓ ଭଦ୍ରକାଳୀଙ୍କ ପୀଠରୁ ପୁରୋହିତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଅପରାହ୍ନରେ ପ୍ରଶାସନ ଅନୁମତି କ୍ରମେ ୩ ଭାଗରେ ବିଭକ୍ତ ହୋଇ ମୋଟ ୧୦୮ ଜଣ ମହିଳା ସାଳନ୍ଦୀ ନଦୀ ସାହାପୁର ଘାଟରୁ ଘଟ ବୁଡ଼ାଇ ନିରାଡ଼ମ୍ବର ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଯାଇଥିଲେ।

ମହିଳାମାନେ ଗାନ୍ଧୀପଡ଼ିଆରୁ ବାହାରି ଅସ୍ତୁଳ ଗ୍ରାମ ହୋଇ ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ପୂଜା ପରେ ସେମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତ୍ତିବିନ୍ଧା ଛକ, କଚେରି ବଜାର, ଟାଉନ ହଲ୍ ଛକ, ନୂଆବଜାର ହୋଇ ଗାନ୍ଧୀପଡ଼ିଆକୁ ଫେରିଥିଲେ। ଯଜ୍ଞ ମଣ୍ଡପରେ ମଧ୍ୟ କୋଭିଡ୍ କଟକଣାରେ ରୀତିନୀତି ଅନୁସାରେ ପୂଜା କର୍ମ ଆରମ୍ଭ କରାଯାଇଛି। ସୋମବାରଠାରୁ ଏହି ପୂଜା ଯଥା, ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଯଜ୍ଞ କର୍ମରେ କର୍ତ୍ତାକର୍ତ୍ତୀ ଭାବେ ସନାତନ ସାହୁ, ଅମ୍ବିକା ଦାସ, ପ୍ରହ୍ଲାଦ ନାୟକ ସପତ୍ନୀକ ସଂକଳ୍ପ କରିଛନ୍ତି। ଆଖଣ୍ଡଳମଣି ପୀଠରୁ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିରଜା କ୍ଷେତ୍ରରୁ ବଦ୍ରିନାରାୟଣ ଧଳ, ଭଦ୍ରକାଳୀ ପୀଠରୁ ଡା. ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିଲା। ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ରାୟ ରାମାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସ୍ୱାଧୀନ ସୁନ୍ଦର ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାହାରିଥିବା ମହିଳାଙ୍କ କଳସ ଶୋଭାଯାତ୍ରା।

### ଆଖଣ୍ଡଳମଣି ପୀଠରୁ ଗଲା ଆଜ୍ଞାମାଳ



ଆଜ୍ଞାମାଳ ପଠାଯିବା ବେଳେ ମନ୍ଦିର ପରିସରରେ ଉପସ୍ଥିତ ସେବାୟତ ଓ ଅନ୍ୟମାନେ।

ଆରଡ଼ି, (ଡି.ଏନ.ଏ.)

ଶ୍ରୀରାମ ନବମୀ ଉପଲକ୍ଷେ ସୋମବାର ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରୁ ଭଦ୍ରକରେ ହେବାକୁ ଥିବା ମହାଯଜ୍ଞ ପାଇଁ ଆଜ୍ଞାମାଳ ପଠାଯାଇଛି। ସେବାୟତମାନେ ଏହି ଆଜ୍ଞାମାଳକୁ ମନ୍ଦିରରେ ପୂଜାର୍ଚ୍ଚନା କରି ବେଢ଼ା ପରିକ୍ରମା କରିଥିଲେ। ପରେ ଏହାକୁ ଏକ ସ୍ୱତନ୍ତ୍ର ଗାଡ଼ିରେ ପଠାଇଥିଲେ। ପୂର୍ବତନ ସରପଞ୍ଚ କିଶୋର ନାୟକ, ସେବାୟତ ଜୀବନାନନ୍ଦ ପାଢୀ, କିଶନ ପାଢୀ, ସୁଧୀର ପାଢୀ, ଉତ୍ତମ ମିଶ୍ର, ସୁବାସ ସାହୁ, ବାଲାଜୀ ପାଢୀ, ସୁବ୍ରତ ବିଳାସ ପ୍ରମୁଖ ଆଜ୍ଞାମାଳ ଯିବାବେଳେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବାନ୍ଧି ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ରାଇରଙ୍ଗପୁର,(ଡ଼ି.ଏନ୍.ଏ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଂଳାଡୁବା ବସ୍ତୀ ଅଞ୍ଚଳର ଯମୁନା ସୋରେନଙ୍କ ଘରେ ପଶି ଦୁଇ ଦୁର୍ବୃତ୍ତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦ୍ୱୟ ଯମୁନାଙ୍କୁ ଏକ ରଶିରେ ବାନ୍ଧି ପକାଇ ଲୁଟ କରିବାରେ ସକ୍ଷମ ହୋଇଥିଲେ। ସେହି ରାତିରେ ଖଡ଼ଖାଇ ନଦୀ ଶ୍ମଶାନ ଘାଟ ପାଶ୍ୱର୍ବର୍ତ୍ତୀ ରାଉତ ଖମାରବସ୍ତି ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କ ଘରେ ପଶି ମଧ୍ୟ ଦୁର୍ବୃତ୍ତ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି।



### ସଂକ୍ଷେପରେ

## ମହିଳାଙ୍କ ବାଇକ୍ ଶୋଭାଯାତ୍ରା

ସୋର, ୧୯।୪(ଡି.ଏନ୍.ଏ.)-ସୋରରେ ଶ୍ରୀରାମ ସେନା ପକ୍ଷରୁ ରାମ ନବମୀ ଉପଲକ୍ଷେ ମହିଳାଙ୍କ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କୋଭିଡ୍ କଟକଣା ପାଇଁ ସାମାଜିକ ଦୂରତା ରକ୍ଷା କରାଯାଇ ଏହି ଶୋଭାଯାତ୍ରା ଗୋଶାଳା ପଡିଆରୁ ବାହାରି ବାଲେଶ୍ୱର, ଲିଙ୍ଗପଡା, ଅଡଙ୍ଗ, ଛତ୍ରପୁର ଓ ବ୍ଲକ ଛକ ଦେଇ ହନୁମାନ ମନ୍ଦିରରେ ପହଞ୍ଚିଥିଲା। ମଙ୍ଗଳବାର ଆଉ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିବ ବୋଲି ଶ୍ରୀରାମ ସେନା ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ପରି ଏଥର ମଧ କୋଭିଡ୍ କଟକଣା ଗାଇଡ୍‌ଲାଇନ୍ ଅନୁଯାୟୀ ବିଧିରକ୍ଷା କରାଯିବାକୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ବ୍ୟାଙ୍କ ସମ୍ମୁଖ ତାଜା ଭୁଶୁଡ଼ିଲା, ଗ୍ରାହକ ଗୁରୁତର

ଭୋଗରାଇ,୧୯।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚୌକି ବଜାରସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖ ତାଜା ଆକସ୍ମିକ ଭାବେ ଭୁଶୁଡି ପଡିବାରୁ ଜଣେ ଗ୍ରାହକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ଗ୍ରାହକ ହେଲେ ବେଙ୍ଗୀ ମହାନ୍ତି (୬୪) ଓ ଘର ଗୁନାଇବସାଣ ପଞ୍ଚାୟତ ହରିପୁର ଗ୍ରାମରେ। ବେଙ୍ଗୀ ବ୍ୟାଙ୍କ ସମ୍ମୁଖରେ ତାଙ୍କର ଜଣେ ପରିଚିତ ଲୋକଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିଲେ। ହଠାତ୍ କଂକ୍ରିଟ୍ ତାଜା ତାଙ୍କ ଉପରେ ଭୁଶୁଡ଼ି ପଡ଼ିବାରୁ ସେ ଚିତ୍କାର କରିଥିଲେ। ସ୍ଥାନୀୟ ଦୋକାନୀ ବୃଦ୍ଧଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତାଙ୍କର ଗୋଡ଼ ଭାଙ୍ଗିଯାଇଥିବା ବେଳେ ମୁଣ୍ଡ ଫାଟି ରକ୍ତସ୍ରାବ ହେଉଥିବା ସୂଚନା ମିଳିଛି। ଏହି ବ୍ୟାଙ୍କର ଉପରଛାତ ବହୁ ପୁରୁଣା ଓ ବିପଦସଙ୍କୁଳ ଥିବା ଜଣାପଡିଛି।

## ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି

ବାସୁଦେବପୁର,୧୯।୪(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ପଞ୍ଚାୟତର ସଫଳ ଚାଷୀ ଶଙ୍କର୍ଷଣ ମଲିକଙ୍କ ଘରୁ ଶନିବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଚୋରମାନେ ବିଳମ୍ବିତ ରାତିରେ ତାଙ୍କ ଘର ଭିତରେ ପଶି ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସମେତ ନଗଦ ୪୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସେମାନେ ଅଳଙ୍କାର ରଖାଯାଇଥିବା ବାକ୍ସକୁ ଘରୁ ନେଇଯାଇ ନିକଟସ୍ଥ ବିଲରେ ଏହାକୁ ଭାଙ୍ଗି ଶଙ୍କର୍ଷଣଙ୍କ ବୋହୂ ସସ୍ମିତାଙ୍କ ସମସ୍ତ ଅଳଙ୍କାର ଧରି ଚମ୍ପଟ ମାରିଥିବା ବେଳେ ଖାଲି ବାକ୍ସକୁ ବିଲରେ ପକାଇ ପଳାଇ ଯାଇଛନ୍ତି। ଏ ସମ୍ପର୍କରେ ରବିବାର ସକାଳେ ଜଣାପଡ଼ିବା ପରେ ଶଙ୍କର୍ଷଣ ଚୁଡ଼ାମଣି ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ମାମଲା (ନଂ.୪୯/୨୧) ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଏହି ଘଟଣାରେ କେହି ଗିରଫ ହୋଇ ନ ଥିବା ବେଳେ ଚୋରି ଅଳଙ୍କାର ଉଦ୍ଧାର ହୋଇପାରି ନାହିଁ।

## ମାସ୍କ ଯାଞ୍ଚ କଡ଼ାକଡ଼ି: ୩୦ ଜଣଙ୍କଠାରୁ ୧୫ ହଜାର ଜରିମାନା

ବଡବିଲ,୧୯।୪(ସ୍ୱ.ପ୍ର): କେନ୍ଦୁଝର ଜିଲା ବଡବିଲରେ ପୋଲିସ ପକ୍ଷରୁ ମାସ୍କ ଯାଞ୍ଚକୁ କଡାକଡି କରାଯାଇଥିବାବେଳେ ସୋମବାର ୩୦ ଜଣ ଅମାନିଆଙ୍କ ଠାରୁ ମୋଟ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ନିୟନ୍ତ୍ରଣ କରିବା କାଠିକର ପାଠ ହୋଇପଡିଛି। ଏ ନେଇ ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ମାସ୍କ ପରିଧାନ, ସାବୁନରେ ହାତଧୋଇବା, ସାମାଜିକ ଦୂରତ୍ୱ ରଖିବାକୁ ପରାମର୍ଶ ଦିଆଯାଇ ଥିବାବେଳେ ତାହା ପାଳନ କରିବାକୁ ଦୋକାନୀ କିମ୍ବା ଜନସାଧାରଣ ମାନିବା ଦେଖାଯାଉନାହିଁ। ଏପଟେ ସହରରେ ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ହୋଇଥିଲେହେଁ ବିଭିନ୍ନ ଆଳରେ ଲୋକେ ରାତି ୯ଟା ପରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। ସେଥିନିମନ୍ତେ ପୋଲିସ ପକ୍ଷରୁ ସୋମବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଛି। ରାତି ୯ ଟା ପରେ ସାଧାରଣ ଯାତାୟାତ ଉପରେ କଟକଣାକୁ ଜଣାଇବା ସହ ଏହାର ଖିଲାପକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶାମୁହାଁ ବିହାରୀ ମଦ ମାଫିଆ

ଭୋଗରାଇ, ୧୯।୪(ଡି.ଏନ.ଏ.)

ବିହାରର ଦାଗୀ ମଦ ବେପାରୀ ଓ ମାଫିଆମାନେ ସେଠାରେ କଳା ତାଲିକାଭୁକ୍ତ ହେବା ପରେ ଏବେ ଓଡ଼ିଶା ମୁହାଁ ହୋଇଛନ୍ତି। ନିକଟରେ ଓଡ଼ିଶା ସରକାର ପ୍ରଥମଥର ପାଇଁ ମଦ ଦୋକାନ ଆବେଦନ ବେଳେ ବିନା ସର୍ଭେଲାନ୍ସରେ ଆବେଦନପତ୍ର ଗ୍ରହଣ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ବିହାରର ବହୁ ମଦ ବେପାରୀ ଓ ମାଫିଆ ଓଡ଼ିଶାରେ ସରକାରୀ ମଦ ଦୋକାନ ଲଟେରୀ ଉଠାଣରେ ଲାଇସେନ୍ସ ପାଇଛନ୍ତି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲାର ସରକାରୀ ଲାଇସେନ୍ସପ୍ରାପ୍ତ ୧୦ରୁ ଉର୍ଦ୍ଧ୍ୱ ମଦ ଦୋକାନରେ ଅଣଓଡ଼ିଆ ବ୍ୟକ୍ତି ଲାଇସେନ୍ସ ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ଅଧିକାଂଶ ବିହାରୀ ରହିଛନ୍ତି। ଭୋଗରାଇ ବ୍ଲକରେ ତାଳସାରୀ, ଦେଉଳାହାଟ, ଥାନାଛକ ସ୍ଥିତ ବାଟଗ୍ରାମ ଓ କମର୍ଦ୍ଦାରେ ଠିପିବନ୍ଦ ସରକାରୀ ବିଦେଶୀ ମଦ ଦୋକାନଏ ଜଳେଶ୍ୱରରେ ୭ଟି ଓ ବାଲିଆପାଳରେ ୨ଟି ବିଦେଶୀ ମଦ ଦୋକାନ ରହିଛି। ଏ ସମସ୍ତ ସ୍ଥାନରେ ଅଧିକାଂଶ ଦାଗୀ କଳାତାଲିକାଭୁକ୍ତ ମଦ ବେପାରୀ ଲାଇସେନ୍ସ ପାଇଥିବାରୁ ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଲାଇସେନ୍ସ ପାଇଥିବା ଭିନ୍ନ ରାଜ୍ୟର ମଦ ମାଫିଆମାନେ ସେଠାରେ ବହୁ ଅପରାଧରେ ଜଡ଼ିତ ଥିବା ଅଭିଯୋଗ ଥିବା ବେଳେ ଅପମିଶ୍ରିତ ମଦ ବିକ୍ରି କରି ସେମାନେ କଳାତାଲିକାଭୁକ୍ତ ହୋଇଥିବା ସୂଚନା ମିଳିଛି। ଅପମିଶ୍ରିତ ମଦ୍ୟ ପାନ କରି ବିହାରରେ ବହୁ ଲୋକଙ୍କ ଜୀବନହାନୀ ଘଟିଛି। ଓଡ଼ିଶାରେ ଅନୁରୂପ ଭାବେ ଆଇନଶୃଙ୍ଖଳା ବିଗିଡ଼ିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ କଳାତାଲିକାଭୁକ୍ତ ହୋଇ ଲାଇସେନ୍ସ ପାଇଥିବା ମଦ ବେପାରୀଙ୍କ ଲାଇସେନ୍ସ ପ୍ରତ୍ୟାହାର ଲାଗି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ଶେଖ୍ ଆସଫ୍ ଅଲ୍ଲୀ କୁହନ୍ତି, ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ପୂର୍ବରୁ କଳାତାଲିକାଭୁକ୍ତ ହୋଇଥିଲେ କିମ୍ବା କୌଣସି ଅପରାଧ ମାମଲାରେ ଛନ୍ଦି ହୋଇଥିବା ଜଣାପଡ଼ିଲେ ଅଭିଯୋଗ ଓ ପ୍ରମାଣକୁ ଭିତ୍ତି କରି ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହିତ ସେମାନେ ଦେଇଥିବା ଅର୍ଥକୁ ଫେରସ୍ତ କରାଯିବ। ସାମାଜିକ କର୍ମୀ ହର ନାରାୟଣ ରାଉତ କୁହନ୍ତି ଭାରତବର୍ଷର କୌଣସି ରାଜ୍ୟ ଲଟେରୀ ମାଧ୍ୟମରେ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ଦେଉ ନ ଥିବା ବେଳେ ଓଡ଼ିଶା ସରକାର ବ୍ୟତିକ୍ରମ କରିଛନ୍ତି। ଯାହାଦ୍ୱାରା ବିଭିନ୍ନ ରାଜ୍ୟର ଦୁର୍ଦ୍ଦାନ୍ତ ଅପରାଧୀ ଓ କଳାତାଲିକାଭୁକ୍ତ ବ୍ୟବସାୟୀଙ୍କୁ ଲାଇସେନ୍ସ ଦେବା ଦ୍ୱାରା ଭବିଷ୍ୟତରେ ମଦ ମୃତ୍ୟୁ ଆଶଙ୍କା ରହିଛି।

### ଆଇନଶୃଙ୍ଖଳା ବିଗିଡିବା ଆଶଙ୍କା

# ସୋର ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ରାତିରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।।

ସୋର, ୧୯।୪(ଡି.ଏନ୍.ଏ.)

କୋଭିଡ୍ ସଂକ୍ରମଣ ରୋକିବା ଲକ୍ଷ୍ୟରେ ସଚେତନତା ଓ ସତର୍କତା ପାଇଁ ସୋର ପୋଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ଏହି ଫ୍ଲାଗମାର୍ଚ୍ଚରେ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ୍ ଫୋର୍ସ ଆଶ୍ରମ ଛକରୁ ବାହାରି ଅଡଙ୍ଗ, କଷିପୋଲ ଦେଇ ସହର ପରିକ୍ରମା କରିଛି। ଏହି ସମୟରେ ସାଧାରଣ ଲୋକଙ୍କୁ ସଚେତନ କରାଯିବା ସହ ସତର୍କକତା ଅବଲମ୍ବନ କରିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏସ୍‌ଆଇ ଅଶୋକ କୁମାର ମହାନ୍ତି ଓ ଏଏସ୍‌ଆଇ ରାଧାଗୋବିନ୍ଦ ମଡୁଆଳ ଏଥିରେ ସାମିଲ ଥିଲେ।

# ଗଳାବାଟ ଦେଇ ଚାଲିଛି ଆନ୍ତଃରାଜ୍ୟ ବସ୍, ଚାରିଚକିଆ ଯାନ

ଜଳେଶ୍ୱର,୧୯।୪(ଡି.ଏନ.ଏ.)



ବାଇପାସ୍ ରୋଡ୍‌ରେ ଯାଉଥିବା ବସ୍।

କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ଉତ୍କଟ ହେଉଥିବା ବେଳେ ସୋମବାରଠାରୁ ଆନ୍ତଃ ରାଜ୍ୟ ଯାନବାହନ ଚଳାଚଳ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରୋକ ଲଗାଯାଇଛି। ଅନ୍ୟପକ୍ଷରେ ଉପାନ୍ତରେ ଥିବା ବହୁ ଗଳା ରାସ୍ତା ଦେଇ ଏହି ଯାନବାହନଗୁଡ଼ିକ ରାଜ୍ୟ ଭିତର ଓ ବାହାରକୁ ଯାତାୟାତ କରୁଥିବା ନଜରକୁ ଆସିଛି।

ରାଜ୍ୟର ଉତ୍ତର ଉପାନ୍ତ ୬୦ନଂ. ଜାତୀୟ ରାଜପଥ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ଲକ୍ଷ୍ମଣନାଥ ଟୋଲ ପ୍ଲାଜାଠାରେ ଆନ୍ତଃରାଜ୍ୟ ବସ୍ ଓ ଚାରିଚକିଆ ଯାନଗୁଡ଼ିକୁ ୧୮ ତାରିଖରୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ବାଲେଶ୍ୱର ଆରଟିଓ କର୍ମଚାରୀ ଓ ଜଳେଶ୍ୱର ପୋଲିସ୍ ସହାୟତାରେ ଏପରି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଦଲାଲମାନେ ସକ୍ରିୟ ହୋଇ ଉଠିଛନ୍ତି। ଜଳେଶ୍ୱର-ସୁନାକଣିଆ ଓଟି ରୋଡ୍, ଜଳେଶ୍ୱର-ସୋଲପଟ୍ଟା,

### ଜାତୀୟ ରାଜପଥରେ କଟକଣା

ଲକ୍ଷ୍ମଣନାଥରୋଡ଼- ଆମ୍ବଲିଅଠା, ସୋଲପଟା-ସୁଗୋ, ସୁଗୋ-ଧୋଇପଡ଼ା ମୁଖ୍ୟ ରାସ୍ତାଗୁଡ଼ିକ ଖୋଲାମେଲା ପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଦଲାଲମାନେ ଏସବୁ ଗଳା ରାସ୍ତାରେ ଲାଞ୍ଚ ନେଇ ଗାଡ଼ିଗୁଡ଼ିକୁ ରାଜ୍ୟ ଭିତର ଓ ବାହାରକୁ ଯାତାୟାତରେ ସହାୟତା କରୁଛନ୍ତି । ଫଳରେ ଟୋଲପ୍ଲାଜାରେ ରାଜସ୍ୱ ହାନୀ ହେବା ସହିତ ପ୍ରବାସୀମାନେ ପଞ୍ଜିକରଣ ନ ହୋଇ ଅବାଧରେ ଯାତାୟତ କରିପାରୁଛନ୍ତି। ଗତବର୍ଷ ଏପରି ହୋଇଥିବାରୁ ରାଜ୍ୟରେ କରୋନା ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଇଥିଲା । ଉପାନ୍ତରେ ସମସ୍ତ ରାସ୍ତାରେ ଯାଞ୍ଚ କଡ଼ାକଡ଼ି କରାଯିବାକୁ ଦାବି ହେଉଛି ।

## ଟ୍ରାନ୍ସଫର୍ମର ଅଚଳ: ପାନୀୟଜଳ ପାଇବାରୁ ଗ୍ରାମବାସୀ ବଞ୍ଚିତ

ଚମ୍ପୁଆ, ୧୯।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ରେ ବର୍ତ୍ତମାନଠାରୁ ଜଳର ଅଭାବ ପରିଲକ୍ଷିତ ହେଲାଣି। ଅଚଳ ଟ୍ରାନ୍ସଫର୍ମର ପାଇଁ ପାନୀୟଜଳ ପାଇବାରୁ ଭୂଇଁପୁର ଗ୍ରାମବାସୀ ୮ ମାସ ହେବ ବଞ୍ଚିତ ହୋଇଛନ୍ତି। ଭୂଇଁପୁର ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟା ସମାଧାନ ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ବସୁଧା ଯୋଜନାରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିନ୍ତୁ ୮ ମାସ ତଳେ ଏହି ଟ୍ରାନ୍ସଫର୍ମରଟି ଅଚଳ ହୋଇପଡ଼ିଛି। ସେହିଦିନଠାରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଗ୍ରାମର ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ପାନିୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ କରନ ସୋରେନ କହିଛନ୍ତି, ଟ୍ରାନ୍ସଫର୍ମର ଅଚଳ ପାଇଁ ଏହି ସମସ୍ୟା ଉପୁଜିଛି। ବିଦ୍ୟୁତ ବିଭାଗ ସହ ଆଲୋଚନା କରାଯାଇଛି, ଖୁବଶୀଘ୍ର ଏହାର ସମାଧାନ କରାଯିବ।

# ପାଣି ପାଇଁ ରାସ୍ତା ଅବରୋଧ

କପ୍ତିପଦା,୧୯।୪(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଶରତ ପଞ୍ଚାୟତର ବେଗୁନିଆ ଛକ ନିକଟରେ ଅଶ୍ୱକୁଟୀ ଗ୍ରାମର ୨ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ପାଣି ପାଇଁ ସୋମବାର ରାସ୍ତାରୋକୋ କରିଥିଲେ। ଫଳରେ କପ୍ତିପଦା-ଠାକୁରମୁଣ୍ଡା ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ କପ୍ତିପଦା ବିଡ଼ିଓ ସତ୍ୟନାଥ ନାଏକ ଏବଂ ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ଗ୍ରାମରେ ୨ଟି ନଳକୂପ ବସାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଗ୍ରାମରେ ୪୦ଟି ପରିବାରର ୨୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗ୍ରାମରେ ୨ଟି ନଳକୂପ ଥିବାବେଳେ ସେଥିରୁ ପାଣି ବାହାରୁ ନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ନ ଶୁଣିବାରୁ ରାସ୍ତାରୋକୋ କରାଯାଇଥିବା ଶିବ ପ୍ରସାଦ ବଦ୍ରା, ବାବୁଲା ଗିଲୁଆ, ବିଜୟ ଗିଲୁଆ, ମୋହନ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି ।



ଗରା ବାଲ୍‌ଟି ଧରି ମହିଳାମାନେ ରାସ୍ତାରୋକୋ କରିଛନ୍ତି।

# ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରିବାକୁ ନିଷ୍ପତ୍ତି

### ଏସ୍‌ଡିଏମ୍‌ଓଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

ସଜନାଗଡ଼, ୧୯।୪(ଡି.ଏନ.ଏ.)

ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଫଳକ ବିବାଦ ନେଇ ଗତ ୭ ତାରିଖରେ ଡାକ୍ତରଖାନା ପରିସରରେ ଏସ୍‌ଡିଏମ୍‌ଓ ଡା. ଅଜୟକୃଷ୍ଣ ସାମଲଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଏହାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଓମ୍‌ସା ସଂଘ ପକ୍ଷରୁ ଘଟଣାକୁ ନିନ୍ଦା କରାଯିବା ସହ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉକ୍ତଦିନଠାରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିଆସୁଛନ୍ତି। ୧୨ଦିନ ହେଲା ରୋଗୀମାନେ ଚିକିତ୍ସା ନ ପାଇ ହଇରାଣ ହେଉଥିବା ବେଳେ ସୋମବାର ନୀଳଗିରି ମେଡ଼ିକାଲରେ ସମସ୍ତ ଡାକ୍ତର ସମେତ କର୍ମଚାରୀମାନଙ୍କର ଜରୁରୀ ବୈଠକ ବସିଥିଲା। ଡା. ରାମକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ପ୍ରଥମେ ଏସ୍‌ଡିଏମ୍‌ଓ ଡା. ସାମଲ ତାଙ୍କ କାର୍ଯ୍ୟରେ ଯୋଗଦେଇଥିବାରୁ ସମସ୍ତ ଡାକ୍ତରଙ୍କ ସମେତ କର୍ମଚାରୀମାନେ ସ୍ୱାଗତ କରିଥିଲେ। ମାତ୍ର ଦାବି ପୂରଣ ହୋଇ ନ ଥିବାରୁ କଳାବ୍ୟାଜ୍ ପିନ୍ଧିବା ବୈଠକରେ ସ୍ଥିର ହୋଇଥିଲା। ଆଗାମୀ ୭ଦିନ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧିବା ନେଇ ନିଷ୍ପତ୍ତି ନିଆଯାଇଥିଲା। କୋଭିଡ୍ ସମୟରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ ଚାଲୁ ରହିବା ସହିତ ଭବିଷ୍ୟତରେ କୌଣସି ଅସାମାଜିକ ବ୍ୟକ୍ତି କର୍ମଚାରୀମାନଙ୍କୁ ବିନା କାରଣରେ ଗାଳିଗୁଲଜ, ଧମକ ଦେଲେ ବରଦାସ୍ତ କରାଯିବ ନାହିଁ। ଡାକ୍ତରଖାନା ପରିସରରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ କାର୍ଯ୍ୟପନ୍ଥା ଆଗାମୀ ବୈଠକରେ ନିଷ୍ପତ୍ତି ନିଆଯିବାର ସ୍ଥିରୀକୃତ ହୋଇଥିଲା। ବୈଠକରେ ଏସ୍‌ଡିଏମ୍‌ଓ ଡା. ସାମଲ, ଡା. ରାଜେନ୍ଦ୍ର ସିଂ, ଡା. ସିପ୍ରା ମହାପାତ୍ର, ସମସ୍ତ ଷ୍ଟାଫନର୍ସ, ହେଲପଡେସ୍କ, ସୁଇପର, କ୍ଲିନର, କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଚୋରାମଦ ବିକ୍ରିକୁ ନେଇ ଉତ୍ତେଜନା

ଆରଡ଼ି, ୧୯।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ବେତାଳିଗାଁ ବଜାରରେ ଥିବା ଏକ ଦୋକାନରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ସମୟରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଅବକାରୀ ବିଭାଗ କର୍ମଚାରୀମାନେ ଉକ୍ତ ଦୋକାନରୁ ଚୋରାମଦ ଜବତ କରିବା ସହ ଜଣେ ମହିଳାଙ୍କୁ ଧୂଷୁରୀ ପୋଲିସ ସହାୟତାରେ ଥାନାକୁ ଯିବାକୁ କହିଥିଲେ। କିନ୍ତୁ ମହିଳା ଜଣଙ୍କ ଥାନାକୁ ଯିବାକୁ ଅରାଜି ହେବା ସହ ପୋଲିସ ସହ ଯୁକ୍ତିତର୍କ କରିଥିଲେ। ବଜାରରେ ଥିବା ଅନ୍ୟ ଲୋକେ ମଧ ସମ୍ପୃକ୍ତ ମହିଳାଙ୍କୁ ଛାଡ଼ିବାକୁ ଅଡ଼ି ବସିଥିଲେ। ପୋଲିସ ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ସମୟର ଦୃଶ୍ୟକୁ ଜଣେ ଯୁବକ ଫଟୋ ଉତ୍ତୋଳନ କରୁଥିବା ଦେଖି ପୋଲିସ ତାଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇଥିଲା। ଏଥିସହ ତାଙ୍କୁ ଥାନାକୁ ନେଇ ଯାଉଥିଲା। ପରେ ସ୍ଥାନୀୟ ଲୋକଙ୍କ ଦାବି କ୍ରମେ ପୋଲିସ ସମ୍ପୃକ୍ତ ମହିଳା ଓ ଯୁବକଙ୍କୁ ଛାଡ଼ି ଦେଇଛି।

## ୩ ମଦବେପାରୀ ଗିରଫ

ଠାକୁରମୁଣ୍ଡା,୧୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ପୋଲିସ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ମହୁଲି ମଦ ବିକ୍ରି କରୁଥିବା ଅଭିଯୋଗରେ ୩ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୦ ଲିଟର ଦେଶୀ ମହୁଲିମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସାରୁବିଲ ଗ୍ରାମର ଯଦୁ ହୋ,ସାନମାଙ୍ଗତ ହାଁସଦା ଓ ଛେରଟାଙ୍ଗର ଗ୍ରାମର ମୋହନା ହେମ୍ବ୍ରମ। ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ନେତୃତ୍ୱରେ ହାବିଲଦାର ତମ୍ବଧର ବାରିକ, କନେଷ୍ଟବଳ ନରେନ୍ଦ୍ର କୁମାର ମାରାଣ୍ଡି, ନଗେଶ୍ୱରୀ ବଦ୍ରା ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

# ସ୍ୱଚ୍ଛତା ହିଁ ସେବା କର୍ମଶାଳା

ରୂପ୍‌ସା, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର କ୍ରୀଡ଼ା ମନ୍ତ୍ରାଳୟ ଓ ଓଡ଼ିଶା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ପ୍ରାୟୋଜିତ ସ୍ୱଚ୍ଛତା ହିଁ ସେବା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋରଞ୍ଜନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଚକ୍ରଧର ସେଠୀ ଓ ଯୁବ ରେଡକ୍ରସ୍ କାଉନସେଲର ଦୁର୍ଗା ମାରାଣ୍ଡି ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ମାନସ କୁମାର ଦତ୍ତ ଅତିଥି ପରିଚୟ ଓ ପ୍ରଶାସନିକ ଅଧିକାରୀ ବିଜୟ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ସପନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର କଲେଜ ପରିସର ସଫେଇ କରିବା ସହ ଏକ ଶୋଭାଯାତ୍ରାରେ ହଳଦୀପାଳ ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ।

# ଶିକ୍ଷକ ସୁଦର୍ଶନଙ୍କୁ ଚନ୍ଦ୍ରଶେଖର ସ୍ମୃତି ସମ୍ମାନ

ଖଇରା, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନଛିପୁର ଉପ୍ରା ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ସେଠୀଙ୍କୁ ୪୧ତମ ବାଣୀପୀଠ ମହୋତ୍ସବରେ ଚନ୍ଦ୍ରଶେଖର ସ୍ମୃତି ସମ୍ମାନ ଭଳି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲା ଅଧୀନ ବଡସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ୧୮ତାରିଖରେ ଆୟୋଜିତ ୪୧ତମ ବାଣୀପୀଠ ମହୋତ୍ସବରେ କବି ଡ. ପଦ୍ମଲୋଚନ ମହାକୁଡ ଅଧ୍ୟକ୍ଷତା କରିଥିଲେ। ବଡସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି, ଡ ବିଜୟ ଅଗ୍ରୱାଲ ମୁଖ୍ୟବକ୍ତା, ରେବତୀର ସମ୍ପାଦକ ସୁବାସିନୀ ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିମାନେ ଶିକ୍ଷକ ସୁଦର୍ଶନ ସେଠଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରେଳ ବ୍ୟବହାରକାରୀ ସଂଘର ରେଳରୋକୋ

ବସ୍ତା, ୧୯।୪(ଡି.ଏନ.ଏ.)



ବସ୍ତା ଷ୍ଟେଶନ ଠାରେ ଧାରଣା ଦିଆଯାଇଛି।

ବସ୍ତାବାସୀଙ୍କ ପ୍ରତି ରେଲୱେର ଚରମ ଅବହେଳା ତଥା ବୈମାତୃକ ମନୋଭାବ ବିରୋଧରେ ସୋମବାର ବସ୍ତା ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ରେଳରୋକୋ କରାଯାଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଦୋକାନୀ ନିଜର ବ୍ୟବସାୟ ବନ୍ଦ ରଖି ସହଯୋଗ କରିଥିଲେ । ଗତବର୍ଷଠାରୁ କରୋନା କଟକଣା ଲାଗୁ ହେବାଠାରୁ ଦୀର୍ଘଦିନ ଧରି ରେଳ ମନ୍ତ୍ରଣାଳୟ ସମସ୍ତ ଟ୍ରେନ ବନ୍ଦ ରଖିଥିଲା। କିଛିମାତ୍ରାର କଟକଣା କୋହଳ ପରେ କିଛି ଟ୍ରେନକୁ ସ୍ପେଶାଲ ଟ୍ରେନ ଭାବେ ଚଳାଚଳ କରାଯାଇଥିଲା। କେବଳ ଧଉଳି ଏକ୍ସପ୍ରେସ ଏବଂ ଏକମାତ୍ର ଭଦ୍ରକରୁ ହାୱଡା ଯାଉଥିବା ପାସେଞ୍ଜର ଟ୍ରେନ ବସ୍ତାରେ ରହଣି ଅନୁମତି ଦିଆଯାଇଥିଲା । ମାତ୍ର ସାଧାରଣ ପାସେଞ୍ଜରକୁ ଧ୍ୟାନ ଦିଆ ନ ଯାଇ ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ ଭଡା ନିଆଯାଉଛି। ଇତିମଧ୍ୟରେ ଉତ୍କଳ ଏକ୍ସପ୍ରେସ ଏବଂ ହାୱଡା-ହାଇଦ୍ରାବାଦ ଚଳାଯାଇଥିଲେ ମଧ ବସ୍ତାରେ ଏହାର ରହଣି ଅନୁମତି ଦିଆଯାଇ ନ ଥିଲା। ଏହାର ପ୍ରତିବାଦରେ ବସ୍ତା ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ବାଲେଶ୍ୱର ଜିଲାପାଳଙ୍କ ତରଫରୁ ବସ୍ତା ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାଶ, ବସ୍ତା ଆଇଆଇସି, ଏସ୍‌ଡିପିଓ ଜଳନ୍ଧର ଜାଲି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ରେଲୱେ ପକ୍ଷରୁ ଦୁଇ ତିନି ଦିନ ମଧ୍ୟରେ ଏହାର ସମାଧାନ ଲାଗି ପ୍ରତିଶ୍ରୁତି ଦିଆଯିବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା

